ସକାଳ
THE SAKALA
Bhubaneswar - 28 Feb 2023 - Page 11

# ବିର୍ଲା ଗ୍ଲୋବାଲ ୟୁନିଭର୍ସିଟି ପକ୍ଷରୁ ଏଚ୍‌ଆର୍ କନ୍‌କ୍ଲେଭ୍



**ଭୁବନେଶ୍ୱର,୨୭।୨(ସମିସ):** ବିର୍ଲା ଗ୍ଲୋବାଲ ୟୁନିଭର୍ସିଟିର ସ୍କୁଲ ଅଫ୍ ମ୍ୟାନେଜମେଣ୍ଟ ତରଫରୁ ଏକ ଏଚ୍‌ଆର୍ କନ୍‌କ୍ଲେଭ୍ ଆୟୋଜିତ ହୋଇଯାଇଛି। ମାନବେନ୍ଦ୍ର ମିଶ୍ର (ପୂର୍ବତନ ଉପସଭାପତି ଏବଂ ଲାର୍ସନ ଆଣ୍ଡ ଟୁବ୍ରୋର ମାନବ ସମ୍ବଳ ବିଭାଗର ମୁଖ୍ୟ ତଥା ସେଲ୍‌ର ପୂର୍ବତନ କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ) ଏଥିରେ ମୁଖ୍ୟ ଅତିଥି ଭାବେ ଯୋଗଦେଇଥିଲେ। ଏଥିରେ ବିପୁଲ ସିଂ (ଡିଭିଜନାଲ ଭାଇସ୍ ପ୍ରେସିଡେଣ୍ଟ ଏବଂ ଏଚ୍ ଆର୍ ମୁଖ୍ୟ, ଏଡିପି ଇଣ୍ଡିଆ) ଏଥିରେ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ବିର୍ଲା ଗ୍ଲୋବାଲ ୟୁନିଭର୍ସିଟିର କୁଳପତି ପ୍ରଫେସର ପି.ପି. ମାଥୁର, ରେଜିଷ୍ଟ୍ରାର ବି କେ ଦାସ, ବିର୍ଲା ସ୍କୁଲ ଅଫ ମ୍ୟାନେଜମେଣ୍ଟର ଡିନ୍ ପ୍ରଫେସର ପି. ନାୟକ ଏଥିରେ ଉପସ୍ଥିତ ଥିଲେ। ପ୍ରଫେସର ମାଥୁର ମାନବ ଦକ୍ଷତା ଓ ବୈଷୟିକ ପ୍ରଗତି ଉପରେ ଗୁରୁତ୍ୱାରୋପ କରିଥିଲେ। ପ୍ରଫେସର ଦାସ ମାନବ ସମ୍ବଳର ପାରମ୍ପରିକ କର୍ମଚାରୀ ବିଭାଗରୁ ଆଧୁନିକ ମାନବ ସମ୍ବଳର ପରିବର୍ତ୍ତନ ଉପରେ ନିଜ ବିଚାରଧାରା ବ୍ୟକ୍ତ କରିବା ସହ ଯେ କୌଣସି ସଂସ୍ଥାରେ ମାନବ ସମ୍ବଳ ବିଭାଗର ପ୍ରାଧାନ୍ୟ ଉପରେ ଆଲୋଚନା କରିଥିଲେ।